# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 September – 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଲେ ରାଷ୍ଟ୍ରପତି
- 'ଐତିହାସିକ ବାଲିଯାତ୍ରା କଟକ' ନାମରେ ନାମିତ ହେଲା କଟକ ବାଲିଯାତ୍ରା
- ଡଲଫିନ୍ ବିଷୟରେ ସଚେତନତା ସୃଷ୍ଟି ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଡଲଫିନ୍ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା

# ଉପରାଷ୍ଟ୍ରପତି

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିପି.ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ଗତ ୯ ତାରିଖରେ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସି.ପି. ରାଧାକ୍ରିଷ୍ଣନ୍ ଏନ୍‌ଡିଏ ପ୍ରାର୍ଥୀଭାବେ ବିଜୟୀ ହୋଇଥିଲେ। ତାଙ୍କୁ ୪୫୨ ଭୋଟ ମିଳିଥିବାବେଳେ ଇଣ୍ଡିମେଣ୍ଟ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ଇସ୍ତଫା ଦେବା ପରେ ଉପରାଷ୍ଟ୍ରପତି ପଦବୀ ଖାଲି ପଡିଥିଲା।

ନୂଆ ଉପରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସି.ପି. ରାଧାକ୍ରିଷ୍ଣନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସେ କହିଛନ୍ତି ନୂଆ ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ସଫଳ ଭାବେ ପୂରଣ କରିବା ସହ ଲୋକମାନଙ୍କ ପ୍ରତି ସେବା ମନୋଭାବ ରଖିବେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଶ୍ରୀ ରାଧାକ୍ରିଷ୍ଣନଙ୍କ ଭୂମିକା ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ ।

## ମୁଖ୍ୟମନ୍ତ୍ରୀ

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀଠାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ।

## ବାଲିଯାତ୍ରା

କଟକ ବାଲିଯାତ୍ରାର ନାମକୁ ପରିବର୍ତ୍ତନ କରାଯାଇ 'ଐତିହାସିକ ବାଲିଯାତ୍ରା, କଟକ'ରେ ନାମିତ କରାଯାଇଛି ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ସୂଚନା ଦେଇଛନ୍ତି। ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନାମ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଯାତ୍ରା ଆସନ୍ତା ନଭେମ୍ବର ମାସ ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରୁ ସୂଚନା ମିଳିଛି। ଚଳିତ ଥର କେବଳ ତଳ ପଡିଆରେ ଷ୍ଟଲ୍ ରହିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୧ଟା ପର୍ଯ୍ୟନ୍ତ

ଚାଲିବ ବୋଲି ଜିଲ୍ଲାପାଳ କହିଛନ୍ତି। ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାତି ୧୦ ପର୍ଯ୍ୟନ୍ତ ଅନୁମତି ମିଳିଥିଲା।

## ହାଇକୋର୍ଟ

କିଶୋର ନ୍ୟାୟ ପରିଷଦ, ଓଡ଼ିଶା ହାଇକୋର୍ଟ ଏବଂ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଭିନ୍ନକ୍ଷମ ବିଭାଗ ମିଳିତ ଆନୁକୂଲ୍ୟରେ ଆସନ୍ତାକାଲି  କଟକସ୍ଥିତ ଜୁଡ଼ିସିଆଲ ଏକାଡେମୀରେ ଶିଶୁ କନ୍ୟା ସୁରକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସକାଳ ୯ଟା ୧୫ ମିନିଟ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ବିଚାରପତିମାନେ ଯୋଗଦେବେ।

# ଏମ୍ସ ଦା ଭିନ୍ସି ରୋବଟ

ନୂଆଦିଲ୍ଲୀରେ ଅଖିଳ ଭାରତୀୟ ଆର୍ଯୁବିଜ୍ଞାନ ସଂସ୍ଥାନ ଏମ୍ସ ପକ୍ଷରୁ ବିକଶିତ ଦା ଭିନ୍ସି ସର୍ଜିକାଲ ରୋବଟ ଉଦ୍‌ଘାଟିତ ହୋଇଛି । ଭାରତରେ ରୋବଟ ସହାୟତାରେ ବିଭିନ୍ନ ଅସ୍ତ୍ରୋପଚାର କାର୍ଯ୍ୟ ପାଇଁ  ଏହି ରୋବଟ ସହାୟତା କରିବ । ବିଶେଷକରି ଅସ୍ତ୍ରୋପଚାର ସମେତ ଇ-ଲର୍ଣ୍ଣିଂ ଏବଂ ଟେଲିମେଡିସିନ କ୍ଷେତ୍ରରେ ଏହା ସୁଫଳ ପ୍ରଦାନ କରିବ ବୋଲି ମତ ପ୍ରକାଶ ପାଇଛି। ଦେଶରେ ପ୍ରଥମ ଥର ଏକ ସରକାରୀ ହସ୍ପିଟାଲରେ ଏଭଳି ବ୍ୟବସ୍ଥା ଆରମ୍ଭ କରାଯାଇଛି । ପୂର୍ବରୁ ଏମ୍ସରେ ପଢୁଥିବା ଛାତ୍ରଛାତ୍ରୀ, ଡାକ୍ତର, ନର୍ସଙ୍କ

ପାଇଁ ହ୍ୟୁଗୋ ରୋବଟ ସ୍ଥାପନ ହୋଇଥିବା ବେଳେ ଦା ଭିନ୍‌ସି ସର୍ଜିକାଲ ରୋବଟ ଆଜି ସ୍ଥାପନ କରାଯାଇଛି ।

ଏହି ଅବସରରେ ନୂଆଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡକ୍ଟର ଏମ୍. ଶ୍ରୀନିବାସ କହିଛନ୍ତି ଅପରେସନ କ୍ଷେତ୍ରର ସୃଜନଶୀଳତା କ୍ଷେତ୍ରରେ ଏମ୍ସର ଭୂମିକା ଭାରତରେ ରୋବଟିକ ସହାୟତାରେ ଅସ୍ତ୍ରୋପଚାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବ । ସୂଚନା ଅନୁଯାୟୀ ନୂଆ ରୋବଟ, ୟୁରୋଲୋଜି, ଗାଇନାକୋଲୋଜି, ଜେନେରାଲ ସର୍ଜରୀ, ସର୍ଜିକାଲ ଅଙ୍କଲୋଜି ଏବଂ ବେକ ଓ ମୁଣ୍ଡ ଅପରେସନ କ୍ଷେତ୍ରରେ ସହାୟକ ହେବ ।

## ସମୀକ୍ଷା ବୈଠକ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଗ୍ରାମାଞ୍ଚଳର ପ୍ରତିଟି ବ୍ୟକ୍ତିଙ୍କ ପାଖରେ କିପରି ପହଞ୍ଚିପାରିବ ସେ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି। **ଭଦ୍ରକ** ଜିଲ୍ଲା ଧାମନଗରଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

## ଆଇ.ଏ.ଏସ୍ ଅଦଳବଦଳ

ରାଜ୍ୟ ସରକାର ଭାରତୀୟ ପ୍ରଶାସନିକ ସେବା-ଆଇ.ଏ.ଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରେମଜିତ୍

ନାୟକଙ୍କ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପି.ଅନ୍ୱେଷା ରେଡ୍ଡୀଙ୍କୁ ଆଇ.ଜି.ଆର୍, କଟକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଲୋକଙ୍କ ଆବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚିକିତ୍ସା ପାଇଁ ଔଷଧ ଏବଂ ଚିକିତ୍ସା ଉପକରଣରେ ଜିଏସ୍‌ଟି ପରିମାଣ ହ୍ରାସ କରାଯାଇଥିବାରୁ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ଜନସାଧାରଣ ବିଶେଷ କରି ଗରିବ ଓ ବଂଚିତ ବର୍ଗର ଲୋକେ ଉପକୃତ ହେଉଥିବାବେଳେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦ୍ୱାରା ଔଷଧ ସୁଲଭ ମୂଲ୍ୟରେ ପାଇପାରିବେ।

କେନ୍ଦ୍ର ସରକାରଙ୍କ ନୂତନ ଜିଏସଟି ନୀତିକୁ ସମଗ୍ର **ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୁଚିତ ପଦକ୍ଷେପ ଯୋଗୁଁ ସମାଜର ସବୁ ବର୍ଗର ଲୋକଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ତେବେ ସଂଶୋଧିତ ଏବଂ ପରିବର୍ତ୍ତିତ ଜିଏସ୍‌ଟି ସ୍ଲାବ୍ ଦେଶର ଆର୍ଥିକ ସ୍ତରକୁ ମଜବୁତ୍ କରିପାରିବ ବୋଲି ଜଣେ ବୁଦ୍ଧିଜୀବୀ **କେଦାର ଦାସ** ଆକାଶବାଣୀକୁ କହନ୍ତି....

## - V/O –

## ବିପର୍ଯ୍ୟୟ ପରିଚାଳନା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ **ମାଲକାନଗିରି** ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଦୁଇଦିନିଆ ବିପର୍ଯ୍ୟୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଲିମେଲା, ମାଥିଲି ଓ କୋରୁକୁଣ୍ଡା ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପାଇଁ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତୃଣମୂଳସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି।

## ହୃଦ୍‌ଘାତ ଶିବିର

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ହୃଦ୍‌ଘାତ ରୋଗ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଜଗଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୃଦରୋଗ ବିଭାଗର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ହୃଦଘାତ ରୋଗର ଲକ୍ଷଣ, ଚିକିତ୍ସା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।

## ସଚେତନତା କର୍ମଶାଳା

**ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଭିନ୍ନକ୍ଷମ ଅଧିକାର ଆଇନ୍ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦିବ୍ୟାଙ୍ଗ କମିଶନର ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଆଇନର ଗୁରୁତ୍ୱ ସମ୍ପର୍କରେ

ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ବିଶ୍ୱ ଡଲଫିନ୍ ଦିବସ

ଡଲଫିନ୍ ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଡଲଫିନ୍ ଦିବସ ପାଳନ କରାଯାଉଛି। ୨୦୨୨ ମସିହାରେ ସି.ସେଫରେଡ୍ ଗ୍ଲୋବାଲ୍‌ର ଉଦ୍ୟମ ଏବଂ ସମର୍ଥନ ଦ୍ୱାରା ବିଶ୍ୱ ଡଲଫିନ୍ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୨ ତାରିଖରେ ପାଳନ କରାଯାଉଛି।  ବିଶ୍ୱରେ ୪୨ଟି ଜାତିର ଡଲଫିନ୍ ଅଛନ୍ତି। ଦେଶରେ ୬ ହଜାର ୩୨୭ ଡଲଫିନ୍ ଥିବା ଏକ ଆକଳନରୁ ଜଣାପଡିଛି। ସେଥିମଧ୍ୟରୁ ଚଳିତବର୍ଷ ଓଡ଼ିଶାରେ ମୋଟ୍ ୭୧୦ ଡଲଫିନ୍ ଚିହ୍ନଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ପ୍ରୟାସକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଦେଶରେ ପ୍ରଥମ ଥର ପାଇଁ ନଦୀ ଡଲଫିନ୍ ଗଣନା ରିପୋର୍ଟ ପ୍ରକାଶ ପାଇଛି। ସ୍ଥାନୀୟ ଲୋକ ଏବଂ ଗ୍ରାମବାସୀଙ୍କ ଅଂଶଗ୍ରହଣ ଦ୍ୱାରା ଡଲଫିନ୍ ସଂରକ୍ଷଣ ସହ ସଚେତନତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍‌ର ସଂରକ୍ଷଣ ପାଇଁ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ଯତ୍ନନେବା ଲକ୍ଷ୍ୟରେ ବିଶ୍ୱ ଡଲଫିନ୍ ଦିବସ ଏକ ଉତ୍ତମ ସୁଯୋଗ ପ୍ରଦାନ କରେ।

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ତତ୍‌ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି

ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଲଘୁଚାପ ଅଧିକ ଘନୀଭୂତ ହୋଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।